ସମାଜ

The Samaja

ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

ସମ୍ବଲପୁର, ବିଶାଖାପାଟଣା, କଲକାତା, ରାଉରକେଲା, ଭୁବନେଶ୍ୱର, ବ୍ରହ୍ମପୁର ଓ ବାଲେଶ୍ୱ

R, SUNDAY, 19 DECEMBER- 2010, ଭୁବନେଶ୍ୱର,

ସଂଖ୍ୟା-୩୪୪ 92ND YEAR OF PUBLICATION


ଓଡ଼ିଶା 'ସିମ୍ପୋଜିୟମ' ଉଦ୍‌ଘାଟିତ

# ଓଡ଼ିଶାରେ ପୁଞ୍ଜିନିବେଶର ପର୍ଯ୍ୟାପ୍ତ ସୁଯୋଗ ରହିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ବର, ତା୧୮।୧୨- ଦେଶର ଅଗ୍ରଣୀ ତିନିଟି ପୁଞ୍ଜିନିବେଶ ଆକୃଷ୍ଟ କରିପାରୁଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ଏଠାରେ ଆଇଟି, କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ହୋଟେଲ, ପର୍ଯ୍ୟଟନ ପ୍ରଭୃତି କ୍ଷେତ୍ରରେ ବିପୁଳ ସୁଯୋଗ ରହିଛି। ଏଥିସହିତ ଇସ୍ପାତ ଓ ଆଲୁମିନିୟମର ଆନସିଲାରୀ ଶିଳ୍ପରେ ପୁଞ୍ଜିନିବେଶ ସୁଯୋଗ ରହିଛି। ତାହାସହିତ ଏମଏସଏମଇ କ୍ଷେତ୍ରରେ ମଧ୍ୟ ପୁଞ୍ଜିନିବେଶ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଇନଭେଷ୍ଟ ଭୁବନେଶ୍ୱର ପକ୍ଷରୁ ଏଠାରେ ଓଡ଼ିଶା ସିମ୍ପୋଜିୟମକୁ ଉଦଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହାର ଆୟୋଜକମାନେ ଭୁବନେଶ୍ୱର ଏବଂ ସାମଗ୍ରିକ ଭାବେ ଓଡ଼ିଶାକୁ ପୁଞ୍ଜିନିବେଶର ଏକ ଉପଯୁକ୍ତ ସ୍ଥଳ ତଥା ଜ୍ଞାନର କେନ୍ଦ୍ର ଭାବେ ଉପସ୍ଥାପନ କରିବାକୁ ଉଦ୍ୟମ କରୁଛନ୍ତି। ସେ କହିଲେ ଯେ ସମୃଦ୍ଧିର ସୁଯୋଗ ସମସ୍ତେ ସମାନ ଭାବେ ପାଇବା ଉଚିତ। ତାହାନହେଲେ ସମୃଦ୍ଧି ଅର୍ଥହୀନ ହୋଇପଡିବ। ସେଥିପାଇଁ ଏବେ ସବୁସ୍ତରରେ ଅନ୍ତର୍ଭୁକ୍ତିଭିତ୍ତିକ ଅଭିବୃଦ୍ଧି କଥା କୁହାଯାଉଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଖାଦ୍ୟ ନିରାପତ୍ତା, ନିଯୁକ୍ତି, ସ୍ୱାସ୍ଥ୍ୟସେବା, ପରିବେଶ ସୁରକ୍ଷା ପ୍ରଭୃତି ସର୍ବାଧିକ ଗୁରୁତ୍ୱଲାଭ କରୁଛି। ଉପସ୍ଥିତ ସମସ୍ତ ଉଦ୍ୟୋଗୀ, ପୁଞ୍ଜିନିବେଶକାରୀ ପୁଞ୍ଜିନିବେଶକୁ ବିବିଧକରଣ କରିବା ଏବଂ ଓଡ଼ିଶାର ଗ୍ରାମାଞ୍ଚଳରେ ପୁଞ୍ଜିନିବେଶ ପ୍ରତି ଦୃଷ୍ଟିଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଏଥିରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଏବଂ ଉଚ୍ଚଶିକ୍ଷା, ପର୍ଯ୍ୟଟନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଓଡ଼ିଶାରେ ରହିଥିବା ବିପୁଳ ପ୍ରାକୃତିକ ସମ୍ପଦ, ସୁଦୀର୍ଘ ବେଳାଭୂମିର ସୁବିନିଯୋଗ କରିବାକୁ ପୁଞ୍ଜିନିବେଶକାରୀଙ୍କୁ ଆହ୍ୱାନ ଦେଇଥିଲେ। ଇସ୍ରାଏଲର ଏକନ ଇନ୍‌କର ସିଇଓ ଏଲି କୋହେନ କହିଥିଲେ ଯେ ଭାରତ ଏବଂଓଡ଼ିଶାର ପରମ୍ପରା, ଜ୍ଞାନ ଏବଂ ପ୍ରଯୁକ୍ତି ରହିଛି। ଏହାକୁ ନେଇ ଅଭିବୃଦ୍ଧି ହାସଲ କରିହେବ। ଏବେ ପ୍ରଯୁକ୍ତି ବିପ୍ଲବର ଯୁଗ। ସମସ୍ତଙ୍କୁ ଠିକ ସମୟରେ ଏବଂ ଦ୍ରୁତ ଗତିରେ ସବୁ କାର୍ଯ୍ୟ ସମ୍ପାଦନ କରିବାକୁ ହେବ। ସେ କହିଥିଲେ ଯେ କୌଣସି କ୍ଷେତ୍ରରେ ସଫଳତା ହାସଲ ପାଇଁ ଉପଯୁକ୍ତ ନେତୃତ୍ୱର ଆବଶ୍ୟକତା ରହିଛି। ରାଜ୍ୟର ମୁଖ୍ୟ ଶାସନସଚିବ ବିଜୟକୁମାର ପଟ୍ଟନାୟକ କହିଥିଲେ ଯେ ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ଭୁବନେଶ୍ୱର ଭାରତରେ ବ୍ୟବସାୟ ଓ ପୁଞ୍ଜିନିବେଶ କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି। ଓଡ଼ିଶା ୬ ଲକ୍ଷ କୋଟି ଟଙ୍କା ପୁଞ୍ଜିନିବେଶ ଆକୃଷ୍ଟ କରିପାରିଛି ବୋଲି ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି ରିପୋର୍ଟରେ କୁହାଯାଇଛି। ଏଥିରୁ ଓଡ଼ିଶାରେ ପୁଞ୍ଜିନିବେଶର ରହିଥିବା ସୁଯୋଗ ପ୍ରତିପାଦିତ ହେଉଛି। ଶିଳ୍ପ ବିଭାଗର ଶାସନସଚିବ ଟି ରାମଚନ୍ଦ୍ରୁ ଓଡ଼ିଶରେ ଥିବା ବିପୁଳ ସୁଯୋଗର ଫାଇଦା ନେବାକୁ ପୁଞ୍ଜିନିବେଶକଙ୍କୁ ଆହ୍ୱାନ ଦେଇଥିଲେ। ସେ କହିଲେ ଯେ ଓଡ଼ିଶାରେ ଏଭଳି ଏକ ଇଞ୍ଚ ଜାଗା ନାହିଁ, ଯେଉଁଠାରେ ପୁଞ୍ଜିନିବେଶ ସୁଯୋଗ ନାହିଁ। ରିଲାଏନ୍ସ ଏନର୍ଜିର ବରିଷ୍ଠ ଉପସଭାପତି ପଦ୍ମଶ୍ରୀ ରବିନାରାୟଣ ବସ୍ତିଆ ଏଥିରେ ଉଦବୋଧନ ଦେବାସହିତ ତାଙ୍କର ଉପସ୍ଥାପନା ଜରିଆରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ରହିଥିବା ସୁଯୋଗ ଏବଂ ବିଶେଷକରି ହାଇଡ୍ରୋକାର୍ବନ କ୍ଷେତ୍ରରେ ଥିବା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଇନଭେଷ୍ଟ ଭୁବନେଶ୍ୱରର ସହ ଆବାହକ ଧନଦା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ସିମ୍ପୋଜିୟମ ତିନିଦିନ ଧରି ଚାଲିବ। ଏଥିରେ ତାଇୱାନ, ସ୍ପେନ, ଇସ୍ରାଏଲ, ଜାପାନ, ବ୍ରିଟେନ, ଆମେରିକା ପ୍ରଭୃତିରୁ ପ୍ରତିନିଧିମାନେ ଯୋଗଦେଇଛନ୍ତି।

Publication:The Samaja
Headline:Chief Minister Navin Pattanaik inaugurate 'Invest Bhubaneswar-Odisha Symposium
Date:19.12.10
Page:10